# Akashvani, Sambalpur

## SAMBALPURI NEWS MORNING BULLETIN

## 20 February 2026 - 6.47- 6.52 am.

---

ମୁଖ୍ୟମନ୍ତ୍ରୀ- ବଜେଟ୍     ଆଇ.ଆଣ୍ଡ.ପି.ଆର୍

ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ବିଧାନ୍‌ସଭା ନ ଆଏଜ୍ ୨୦୨୬-୨୭ ଆର୍ଥିକ୍ ବଛର୍ ଲାଗି ବଜେଟ୍ ଉପସ୍ଥାପନ୍ କର୍‌ବେ । ରାଏଜେ ନୂଆଁ ସର୍‌କାର୍ ଗଠନ୍ ହେବାର୍ ଉତ୍‌ରୁ ଶ୍ରୀ ମାଝୀଙ୍କର୍ ଇଟା ୩ ନମ୍ବର୍ ବଜେଟ୍ ଉପସ୍ଥାପନ୍ ହେବା । ବିକଶିତ ଓଡ଼ିଶା ୨୦୩୬ ଲକ୍ଷ୍ୟ ହାସଲ୍ କର୍‌ବାର୍ ଦିଗେ ଇ ବଜେଟ୍ ବାଟ୍ ଦେଖାବା ବଲି ଆଶ୍ କରାଯାଉଛେ । ଗଲାକାଏଲ୍ ବିଧାନ୍‌ସଭା ନ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ରାଜ୍ୟପାଲ୍‌ଙ୍କର୍ ବଜେଟ୍ ଅଭିଭାଷଣ୍ ଧନ୍ୟବାଦ୍ ପ୍ରସ୍ତାବ୍ ଆଲୋଚନାଥି ଉତର୍ ରଖିଥିଲେ । ଇ ଅବ୍‌ସରେ ମୁଖ୍ୟମନ୍ତ୍ରୀ କହିଛନ୍, ଖୋବ୍ ଜଲ୍‌ଦି ଓଡ଼ିଶା ଦେଶର୍ ଶ୍ରେଷ୍ଠ ୫ ଟା ରାଜ୍ୟ ଭିତ୍‌ରେ ଠାନ୍ ପାଏବା । ୨୦୩୬ ମସିହାତକ୍ ସମୃଦ୍ଧ ଓଡ଼ିଶା ଆଉ ୨୦୪୭ ମସିହାତକ୍ ବିକଶିତ ଭାରତ୍ ଲକ୍ଷ୍ୟ ହାସଲ୍ କର୍‌ବାର୍‌ଥି

ଓଡ଼ିଶାକେ ଗ୍ରୋଥ୍ ଇଞ୍ଜିନ୍ କର୍‌ବାର୍ ଲକ୍ଷ୍ୟ ରଖାଯାଇଛେ । ୨୦୩୬ ମସିହାତକ୍ ରାଜ୍ୟର୍ ଅର୍ଥନୀତି ୫ ଶହ ମିଲିୟନ୍ ଡଲାର୍‌କେ ପୁହୁଁଚିବା ବଲି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍ ।

ଶ୍ରୀମନ୍ଦିର୍ ଜମି ସୁରକ୍ଷା ଆଇ.ଆଣ୍ଡ୍.ପି.ଆର୍

ଶ୍ରୀଜଗନ୍ନାଥଙ୍କର୍ ଜମିର୍ ସୁରକ୍ଷା ଆଉ ପରିଚାଲନା ବ୍ୟବସ୍ଥାକେ ବର୍‌କସ୍ କର୍‌ବାର୍ ଲାଗି ରାଜସ୍ୱ ବିଭାଗ୍ ତର୍‌ଫୁ ଶ୍ରୀଜଗନ୍ନାଥ୍ ମହାପ୍ରଭୁ ଜମି ଉପବିଭାଗ୍-ଲେଣ୍ଡ୍‌ସେଲ୍ ବ୍ୟବସ୍ତା କର୍‌ବାର୍‌କେ ରାଜସ୍ୱ ସଚିବ ଆଉ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡକ୍ଟର ଅରବିନ୍ଦ ପାଢ଼ୀ ନିର୍ଦ୍ଦେଶ୍ ଦେଇଛନ୍ । ଶ୍ରୀଜଗନ୍ନାଥ୍ ମହାପୁରୁଙ୍କର୍ ଜମି ସୁରକ୍ଷାକେ ସୁନିଶ୍ଚିତ୍ କର୍‌ବାର୍ ଲାଗି ଗଲାକାଏଲ୍ ହେଇଥିବା ଗୁଟେ ଉଚ୍ଚସ୍ତରୀୟ ବୈଠକ୍‌ଥି ଶ୍ରୀ ପାଢ଼ୀ ଅଧ୍ୟକ୍ଷତା କରିକରି ଇ ନିର୍ଦ୍ଦେଶ୍ ଦେଇଛନ୍ । ଇ ଅବ୍‌ସରେ ଶ୍ରୀ ପାଢ଼ୀ କହିଛନ୍, ମାହାପୁରୁଙ୍କର୍ ଜମି ସୁରକ୍ଷା ଆମର୍ ନୈତିକ୍ ଦାୟିତ୍ୱ । ବେଆଇନ୍ ଦଖଲ୍‌ଥି ଥିବା ମାହାପୁରୁଙ୍କର୍ ସବୁ ଜମିକେ ଖୋବ୍ ଜଲ୍‌ଦି ମୁକ୍ତ କରାଯିବା ବଲି ଶ୍ରୀ ପାଢ଼ୀ କହିଛନ୍ ।

ଏସ୍ଆଇଆର        ଆର୍ଏନ୍ୟୁ/ ସମ୍ବଲପୁର

ଆଏବା ଏପ୍ରିଲ୍ ମାସ୍‌ନୁ ସାରାଦେଶେ ଭୋଟର୍ ତାଲିକା ସ୍ୱତନ୍ତ୍ର ସଘନ ସଂଶୋଧନ - ଏସ୍ଆଇଆର୍ ପ୍ରକ୍ରିୟା ମୁଲ୍ ହେବା ବଲି ଗଲାକାଏଲ୍ ଭାରତୀୟ ନିର୍ବାଚନ ଆୟୋଗ୍ ତର୍‌ଫୁ ସୂଚ୍‌ନା ଦିଆଯାଇଛେ । ନିର୍ବାଚନ ଆୟୁକ୍ତ ସଚିନ୍ ପଓ୍ୱନ୍ ଦିଓ୍ୱାନ୍ ଗଲାକାଏଲ୍ ଓଡ଼ିଶା ସହେତେ ୨୨ ଟା ରାଜ୍ୟ ଆଉ କେନ୍ଦ୍ରଶାସିତ ଅଂଚଲ୍‌ର ମୁଖ୍ୟ ନିର୍ବାଚନ୍ ଅଧିକାରୀମାନ୍‌କୁ ଚିଠି ଲେଖିକରି ଏସ୍ଆଇଆର୍ ବାବଦ୍ ସବୁ ତୟାରି ତୁର୍‌ତି ଶେଷ୍ କର୍‌ବାର୍‌କେ କହିଛନ୍ ।

ମନ୍ କି ବାତ୍        ଆର୍ଏନ୍ୟୁ/ ସମ୍ବଲପୁର

ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଏବା ରଏବାର୍ ଦିନ ସଖାଲର୍ ୧୧ ବଜେ ଆକାଶ୍‌ବାଣୀର୍ ମନ୍ କି ବାତ୍ କାର୍ଯ୍ୟକ୍ରମ୍ ଜରିଏ ଦେଶ୍ ଆଉ ଦୁନିଆସାରା ଲୁକ୍‌କର୍ ସାଙ୍ଗେ ବିଚାର୍ ବିନିମୟ

କର୍‌ବେ । ଇଟା ତାଙ୍କର୍ ଶହେ ୩୧ ନମ୍ବର୍ ମନ୍ କି ବାତ୍ କାର୍ଯ୍ୟକ୍ରମ୍ ହେବା ।

ମନ୍ କି ବାତ୍ କାର୍ଯ୍ୟକ୍ରମ୍ ଆକାଶ୍‌ବାଣୀ ଆଉ ଦୂର୍‌ଦର୍ଶନ୍ ଜରିଏ ଆର୍ ଏଆଇଆର୍ ନ୍ୟୁଜ୍ ୱେବ୍‌ସାଇଟ୍ 'ନ୍ୟୁଜ୍ ଅନ୍ ଏଆଇଆର୍' ମୋବାଇଲ୍ ଆପ୍‌ଥି ପ୍ରସାରଣ୍ କରାଯିବା । ଆକାଶ୍‌ବାଣୀ ସମ୍ବାଦ, ଡିଡି ନ୍ୟୁଜ୍, ପିଏମ୍‌ଓ ଅଫିସ୍, ସୂଚନା ଆଉ ପ୍ରସାରଣ୍ ମନ୍ତ୍ରଣାଳୟର ୟୁ-ଟ୍ୟୁବ୍ ଚେନାଲ୍‌ଥି ଭିଲ୍ ଇତାର୍ ସିଧା ପ୍ରସାରଣ୍ କରାଯିବା । ପ୍ରଧାନ୍‌ମନ୍ତ୍ରୀଙ୍କର୍ ହିନ୍ଦୀ ଅଭିଭାଷଣ୍ ଉତ୍‌ରୁ ଆଂଚଲିକ୍ ଭାଷାଥି ଇତାର୍ ପ୍ରସାରଣ୍ କରାଯିବା ।

ଜାତୀୟ ରାଜପଥ ପ୍ରକଳ୍ପ ସମୀକ୍ଷା        ଆଇ.ଆଣ୍ଡ୍.ପି.ଆର୍

ନିର୍ମାଣ ବିଭାଗ ପ୍ରମୁଖ ଶାସନ୍ ସଚିବ ସଞ୍ଜୟ କୁମାର୍ ସିଂଙ୍କର୍ ଅଧ୍ୟକ୍ଷତାଥି ଗଲାକାଏଲ୍ ନିର୍ମାଣାଧୀନ୍ ଜାତୀୟ ରାଜପଥ ପ୍ରକଳ୍ପ ମାନ୍‌କର୍ ସମୀକ୍ଷା ବୈଠକ୍ ହେଇଯାଇଛେ । ବୈଠକ୍‌ଥି କେପିଟାଲ୍ ରିଜିଅନ୍ ରିଂରୋଡ୍ ପ୍ରକଳ୍ପ, କଟକ୍ -କନ୍ଦର୍‌ପୁର ରାସ୍ତା, ସମ୍ବଲ୍‌ପୁର୍

ବାଇପାସ୍ ରାସ୍ତା ବାଗିର୍ ୩୨ ଟା ପ୍ରକଳ୍ପର୍ ସମସ୍ୟା ଆର୍ ତାର୍ ସମାଧାନ୍ ବାବ୍‌ଦେ ଆଲୋଚନା କରାଯାଇଥିଲା ।

ପ୍ରକଳ୍ପ ପରିଚାଳନା କମିଟି ଆଇ.ଆଣ୍ଡ୍.ପି.ଆର୍

ବରପୁତ୍ର ଐତିହ୍ୟ ଗ୍ରାମ ଯୋଜ୍‌ନା କାର୍ଯ୍ୟକାରୀ କର୍‌ବାର୍ ଲାଗି ରାଜ୍ୟ ସର୍‌କାର୍‌ଙ୍କର୍ ତର୍‌ଫୁ ରାଜ୍ୟସ୍ତରୀୟ ପ୍ରକଳ୍ପ ପରିଚାଳନା କମିଟି ଗଠନ୍ କରାଯାଇଛେ । ଓଡ଼ିଆ ଭାଷା, ସାହିତ୍ୟ ଆଉ ସଂସ୍କୃତି ମନ୍ତ୍ରୀଙ୍କର୍ ଅଧ୍ୟକ୍ଷତାଥି ଇ କମିଟି ଗଠିତ୍ ହେଇଛେ । ରାଜ୍ୟ ସର୍‌କାର୍‌ଙ୍କର୍ ଇ ମହତ୍ତ୍ୱାକାଂକ୍ଷୀ ଯୋଜ୍‌ନାକେ ପୂର୍ତ୍ତ, ରାଜସ୍ୱ, ପଂଚାୟତିରାଜ୍ ଆଉ ପାନୀୟ ଜଳ, ଯୋଜନା ଆଉ ସଂଯୋଜନ, ପର୍ଯ୍ୟଟନ, ହସ୍ତକଳା, ବୟନଶିଳ୍ପ ବିଭାଗ୍‌ର ସମନ୍ୱୟଥି କାର୍ଯ୍ୟକାରୀ କରାଯିବା ।

ହାଓ୍ୱଡ଼ା-ଟିଟିଲାଗଡ଼-ହାଓ୍ୱଡ଼ା ଟ୍ରେନ୍ ସମ୍ପ୍ରସାରଣ

କଳାହାଣ୍ଡି/ସମ୍ବଲପୁର ସମ୍ବାଦଦାତା

ହାଓ୍ୱଡ଼ା-ଟିଟିଲାଗଡ଼-ହାଓ୍ୱଡ଼ା ଇସ୍ପାତ୍ ଏକ୍ସପ୍ରେସ୍‌କେ ଜୁନାଗଡ଼ ରୋଡ୍ ତକ୍ ସମ୍ପ୍ରସାରିତ୍ କରାଯାଇଛେ । ଜୁନାଗଡ଼ ରୋଡ୍ ଆଉ ଟିଟିଲାଗଡ଼ ଭିତ୍‌ରର୍ ସମ୍ପ୍ରସାରିତ୍ ଭାଗ୍‌କେ ଗଲାକାଏଲ୍ କଳାହାଣ୍ଡି ସାଂସଦ ମାଳବିକା ଦେବୀ ପତାକା ଦେଖେଇକରି ଶୁଭାରମ୍ଭ କରିଛନ୍ ।

ଆଏବା କାଏଲ୍‌ଠାନୁ ହାଓ୍ୱଡ଼ା-ଟିଟିଲାଗଡ଼ ଏକ୍ସପ୍ରେସ୍ ଟ୍ରେନ୍ ହାଓ୍ୱଡ଼ାନୁ ଜୁନାଗଡ଼ ରୋଡ୍‌ତକ୍ ଚାଲ୍‌ବା । ସେନ୍ତା ଟିଟିଲାଗଡ଼-ହାଓ୍ୱଡ଼ା ଏକ୍ସପ୍ରେସ୍ ଟ୍ରେନ୍ ରଏବାର୍ ଦିନୁ ମୁଲ୍ ହେବା ।

ସର୍‌କାରୀ ଯୋଜ୍‌ନା-ସଚେତନତା ବୌଦ୍ଧ ସମ୍ବାଦଦାତା

ବୌଦ୍ଧ ଜିଲ୍ଲା ହର୍‌ଭଙ୍ଗା ବ୍ଲକ୍ କେଲାକଟା ଗାଁ ନ ବୁଣାକାର୍‌ମାନ୍‌କର୍ ଲାଗି ଥିବା ସର୍‌କାରୀ ଯୋଜ୍‌ନା ବାବଦ୍ ଗୁଟେ ସଚେତନତା କାର୍ଯ୍ୟକ୍ରମ୍ ହେଇଯାଇଛେ । ବୟନଶିଳ୍ପ ସହକାରୀ ନିର୍ଦ୍ଦେଶକ୍ ସୁଶାନ୍ତ କୁମାର୍ ନାୟକ୍ ମୁଖ୍ୟଅତିଥି ଭାବେ ଯୋଗ୍ ଦେଇକରି କାର୍ଯ୍ୟକ୍ରମ୍ ଉଦ୍‌ଘାଟନ୍ କରିଥିଲେ ।

ଆଇନ ସଚେତନତା      ଦେବଗଡ଼ ସମ୍ବାଦଦାତା

ଦେବଗଡ଼ ଜିଲ୍ଲା ତିଲେଇବଣି ନ ମହିଳା ଆୟୋଗ୍ ତରଫ୍ରୁ ବ୍ଲକ୍‌ସ୍ତରୀୟ ଆଇନ ସଚେତନ୍‌ତା କର୍ମଶାଳା ହେଇଯାଇଛେ । କର୍ମଶାଳାଥି ରାଜ୍ୟ ମହିଳା ଆୟୋଗ୍‌ର ସଦସ୍ୟା ପ୍ରତିଭା ଶତପଥି ମୁଖ୍ୟ ଅତିଥି ଭାବେ ଯୋଗ୍ ଦେଇକରି ମହିଲାଙ୍କର ସୁରକ୍ଷା ଲାଗି ଥିବା ସରକାରଙ୍କର୍ ଭିନ୍ ଭିନ୍ ଆଇନ୍ ଆଉ ଯୋଜ୍‌ନା ବାବ୍‌ଦେ ବୁଝେଇଥିଲେ ।

ବାଲ୍ୟ ବିବାହ ମୁକ୍ତ ଜିଲ୍ଲା      ଦେବଗଡ଼ ସମ୍ବାଦଦାତା

ଦେବଗଡ଼ ଜିଲ୍ଲାର ୩ ଶହ ୬୪ଟା ଗାଁ ଆଉ ପୌରାଂଚଲ୍‌ର ୧୧ଟା ୱାର୍ଡ଼କେ ଦୁଇ ନମ୍ବର ଖେପ୍‌ଥି ଗଲାକାଏଲ୍ ବାଲ୍ୟ ବିବାହ ମୁକ୍ତ ଘୋଷଣା କରାଯାଇଛେ । ଖୋବ୍ ଜଲ୍‌ଦି ଦେବ୍‌ଗଡ଼୍ ଜିଲ୍ଲା ବାଲ୍ୟବିବାହ ମୁକ୍ତ ହେବା ବଲି ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ କହିଛନ୍ ।

ଜିଲ୍ଲାପାଲ୍-ରାଜସ୍ୱ ସମୀକ୍ଷା      ନୂଆପଡ଼ା ସମ୍ବାଦଦାତା

ନୂଆପଡ଼ା ଜିଲ୍ଲାପାଳ୍ ମଧୁସୂଦନ୍ ଦାସ୍ଙ୍କର୍ ଅଧ୍ୟକ୍ଷତାଥି ଗଲାକାଏଲ୍ ଜିଲ୍ଲା ନଗର ଉନ୍ନୟନ୍ ସଂସ୍ଥାର ସମୀକ୍ଷା ବୈଠକ୍ ହେଇଯାଇଛେ । ବୈଠକ୍‌ଥି ୨୦୨୫ -୨୬ ଆର୍ଥିକ୍ ବଛର୍‌ର ରାଜସ୍ୱ ଲକ୍ଷ୍ୟ ଆଉ ସଂଗ୍ରହ ବାବ୍‌ଦେ ସମୀକ୍ଷା କରାଯାଇଥିଲା । ଜିଲ୍ଲାର୍ ୩ ଟା ଏନ୍‌ଏସି ତର୍‌ଫୁ ଆଦାୟ ହେଇଥିବା ରାଜସ୍ୱ ବାବ୍‌ଦେ ତଥ୍ୟ ଉପସ୍ଥାପନ୍ କରାଯାଇଥିଲା ।

ସୁବର୍ଣ୍ଣପୁର୍ - ଇଙ୍କ୍‌ଫେଷ୍ଟ        ସୁବର୍ଣ୍ଣପୁର୍ ସମ୍ବାଦଦାତା

ସୁବର୍ଣ୍ଣପୁର୍ ନ ଚାଲିଥିବା ଜିଲ୍ଲାସ୍ତରୀୟ ପୁସ୍ତକ ମେଳା- ଇଙ୍କ୍‌ଫେଷ୍ଟ୍ ନ ଗଲାକାଏଲ୍ 'ସୁବର୍ଣ୍ଣପୁର୍ ରାଜଦରବାର ସୃଜନ, ମୁଦ୍ରଣ ଆଉ ମୂଲ୍ୟବୋଧ' ବିଷୟବସ୍ତୁ ଉପ୍‌ରେ ଆଲୋଚନାଚକ୍ର ହେଇଥିଲା । ଆଲୋଚନାଚକ୍ରଥି ଅତିଥିମାନେ ସୁବର୍ଣ୍ଣପୁର୍ ରାଜଦର୍‌ବାର୍‌ର ସୃଜନ ପରମ୍ପରା ଆଉ ପାଣ୍ଡୁଲିପି ପ୍ରକାଶନ୍ ଧାରା ବାବ୍‌ଦେ ଆଲୋଚନା କରିଥିଲେ ।